### ପାରାମେଡିକାଲ କର୍ମଚାରୀଙ୍କ ଆନ୍ଦୋଳନ

**ଭଦ୍ରକ ଅଫିସ :** ଓଡ଼ିଶା କୋଭିଡ୍-୧୯ ପାରାମେଡିକାଲ କର୍ମଚାରୀ ସଂଘର ଭଦ୍ରକ ଶାଖା ପକ୍ଷରୁ ଜିଲା ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି। ପାରାମେଡିକାଲ କର୍ମଚାରୀଙ୍କୁ ଗତ ଡିସେମ୍ବର ୩୧ ରୁ ଛଟେଇ କରାଯାଇଛି। ଏହା ବିରୋଧରେ ଏମାନେ ଆନ୍ଦୋଳନ କରିଆସୁଛନ୍ତି। ସୂଚନା ଥାଉକି, ଏହି ଆନ୍ଦୋଳନକାରୀଙ୍କ ସପକ୍ଷରେ ହାଇକୋର୍ଟ ଦେଇଥିବା ରାୟ ମୁତାବକ ଛଟେଇଙ୍କ ମଧ୍ୟରୁ ୨୫ ପ୍ରତିଶତ କର୍ମଚାରୀଙ୍କୁ ୧ ସପ୍ତାହ ମଧ୍ୟରେ ନିଯୁକ୍ତି ଦିଆଯିବ। କିନ୍ତୁ ବର୍ତ୍ତିଯାଇଥିବା ୭୫ ପ୍ରତିଶତ ଛଟେଇ କର୍ମଚାରୀ ଏହି ଆଇନକୁ ବିରୋଧ କରି ଛଟେଇ ହୋଇଥିବା ସମସ୍ତ କର୍ମଚାରୀଙ୍କୁ ନିଯୁକ୍ତି ଦାବିରେ ଧାରଣାରେ ବସିଛନ୍ତି।

## ସଂକ୍ଷେପରେ

### ପରିଦର୍ଶନରେ ଆସି ପାଠ ପଢ଼ାଇଲେ ବିଇଓ

**କୁଆମରା,୧୧।୧(ଡି.ଏନ୍.ଏ.):** ଜିଲା ଶିକ୍ଷା ବିଭାଗ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ କ୍ରମେ ଗୋପବନ୍ଧୁ ନଗର ବ୍ଲକ ବିଇଓ ବିନୋଦ ସିଂ ଟାଙ୍ଗଣା,ଭଣ୍ଡଗାଁ ଓ ଗୁଡ଼ଡ଼ିହା ହାଇସ୍କୁଲ ପରିଦର୍ଶନ କରି ଫେରିଛନ୍ତି। ପରିଦର୍ଶନ ସମୟରେ ଟାଙ୍ଗଣା ହାଇସ୍କୁଲରେ ଶିକ୍ଷକ ମାନଙ୍କର ପାଠପଢ଼ା ଶୈଳୀରେ କେତେକ ତ୍ରୁଟି ପରିଲକ୍ଷିତ ହେଉଥିବା ଦେଖିବାକୁ ପାଇଥିବା ସେ ସୂଚନା ଦେଇଛନ୍ତି। ସେହିପରି ଭଣ୍ଡଗାଁ ଉଚ୍ଚ ବିଦ୍ୟାଳୟରେ ଛାତ୍ରୀଛାତ୍ରୀଙ୍କ ଉପସ୍ଥାନ ଆଶାନୁରୂପ କମ୍ ଥିବାରୁ କ୍ଷୋଭ ପ୍ରକାଶ କରିବା ସହ ତୁରନ୍ତ ଉପସ୍ଥାନ ତୁରନ୍ତ ବଢ଼ାଇବାକୁ ପରାମର୍ଶ ଦେଇଥିଲେ। ଗୁଡ଼ଡ଼ିହା ହାଇସ୍କୁଲ ଦଶମ ଶ୍ରେଣୀର ପିଲାମାନଙ୍କୁ ବିଜ୍ଞାନ ବିଷୟରେ ପାଠ ପଢ଼ାଇ ଉତ୍ସାହିତ କରିଥିଲେ।

### ଚମ୍ପୁଆ ସ୍ୱାସ୍ଥ୍ୟକେନ୍ଦ୍ରରେ ମକଡ୍ରିଲ

**ଚମ୍ପୁଆ, ୧୧।୧(ଡି.ଏନ.ଏ):** ବିଭିନ୍ନ ସମୟର ଅଗ୍ନିକାଣ୍ଡ ଘଟି ବହୁ ଜୀବନ ହାନି ହେଉଥିବା ବେଳେ ଏହାକୁ ରୋକିବା ପାଇଁ ସରକାରଙ୍କ ନିର୍ଦ୍ଦେଶକ୍ରମେ ଚମ୍ପୁଆ ଅଗ୍ନିଶମ ବିଭାଗ ପକ୍ଷରୁ ଅଭିନବ ପ୍ରୟାସ ଆରମ୍ଭ କରାଯାଇଛି। ମକ୍‌ଡ୍ରିଲ ମାଧ୍ୟମରେ ଅଗ୍ନିକାଣ୍ଡରୁ ରକ୍ଷାପାଇବାର କୌଶଳ ପ୍ରଦର୍ଶନ ସହ ଆବଶ୍ୟକ ପଦକ୍ଷେପ ନେବାକୁ ସଚେତନ କରାଯାଇଛି। ସୋମବାର ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟଠାରେ ଷ୍ଟେଶନ ଅଫିସର ମୃତ୍ୟୁଞ୍ଜୟ ସିଂଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାଧାନରେ ମୁଖ୍ୟ ଅଗ୍ନିକ ରଣଜିତ ନାଏକ ଓ ସମସ୍ତ ଅଗ୍ନିକ ଜୀବନ ରକ୍ଷାକାରୀ ମକ୍‌ଡ୍ରିଲ କରାଯିବା ସହ ନିଆଁ ଲାଗିଥିବା ସମୟରେ କିପରି ଲୋକଙ୍କୁ ଉଦ୍ଧାର କରାଯାଇପାରିବ,ହଠାତ ନିଆଁ ଲାଗିଲେ କିପରି ଅଗ୍ନି ନିର୍ବାପକ ଯନ୍ତ୍ର ବ୍ୟବହାର କରାଯିବ ସେ ନେଇ ଚିକିତ୍ସାଳୟର କର୍ମଚାରୀଙ୍କୁ ସୂଚନା ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଉପଖଣ୍ଡ ଚିକିତ୍ସା ଅଧିକାରୀ ଡା ଉମାକାନ୍ତ ସାହୁ, ଡା. ସୁନାରାମ ମୁର୍ମୁ, ଡା ଭିଷ୍ମ ପରିଡାଙ୍କ ସହ ସମସ୍ତ ସେବିକା ସେବକ ଉପସ୍ଥିତ ଥିଲେ।

### ନିଶାସକ୍ତ ବାଇକ୍ ଚାଳକ ଗିରଫ

**ପାଟଣା,୧୧।୧(ସ୍ୱ.ପ୍ର.):** କେନ୍ଦୁଝର ଜିଲା ପାଟଣା ବ୍ଲକ ବାଉଁଶୁଳି ଦେଇଯାଇଥିବା ୪୯ ନମ୍ବର ଜାତୀୟ ରାଜପଥରେ ସୋମବାର ତୁରୁମୁଙ୍ଗା ପୋଲିସ ଓ ପରିବହନ ବିଭାଗ କେନ୍ଦୁଝର ତରଫରୁ ମୋଟର ଯାନ ଯାଞ୍ଚ ଚାଲିଥିବା ବେଳେ ଜଣେ ଯୁବକ ମଦ୍ୟପାନ କରି ବିନା ହେଲମେଟ, ବିନା ଡ୍ରାଇଭିଂ ଲାଇସେନ୍ସରେ ବାଇକ ଚଳାଉଥିବାବେଳେ ଧରା ପଡ଼ିଥିଲେ। ଉକ୍ତ ମଦ୍ୟପ ଚାଳକଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଯୁବକ ହେଲେ ପାଟଣା ବ୍ଲକ ଦାଶରଥୀପୁର ଗ୍ରାମର ସନ୍ତୋଷ ମହାନ୍ତ। ଆଜିର ଏହି ଯାଞ୍ଚ ବେଳେ ୧୩ ଜଣ ବ୍ୟକ୍ତିଙ୍କ ଠାରୁ ମୋଟର ଯାନ ଆଇନ ଉଲ୍ଲଂଘନ ଅଭିଯୋଗରେ ଏକ ଲକ୍ଷ ୩ହଜାର ୫ଶହ ଟଙ୍କାର ଚାଲାଣ କଟାଯିବା ସହ ଏକ ନମ୍ବର ବିହୀନ ହୋଣ୍ଡା ସାଇନ ବାଇକ୍‌କୁ ପୋଲିସ ଜବତ କରିଛି। ଏହି ଯାଞ୍ଚରେ କେନ୍ଦୁଝର ପରିବହନ ବିଭାଗ ମୋଟର ଯାନ ନିରୀକ୍ଷକ ରମେଶ ଚନ୍ଦ୍ର ପଣ୍ଡା, କନିଷ୍ଠ ନିରୀକ୍ଷକ କାହ୍ନୁ ଚରଣ ବାନରା ଓ ତୁରୁମୁଙ୍ଗା ଥାନା ଅଧିକାରୀ ସୁଶାନ୍ତ ମଣୀ ମହାନ୍ତି ପ୍ରମୁଖ ସାମିଲ ହୋଇଥିଲେ।

### ପୋଲରେ ପିଟିହୋଇ ବାଇକ୍ ଆରୋହୀଙ୍କ ମୃତ୍ୟୁ

**ଖୁଣ୍ଟା,୧୧।୧(ଡି.ଏନ୍.ଏ.):** ମୟୂରଭଞ୍ଜ ଜିଲା ଖୁଣ୍ଟା-ବାରିପଦା ରାଜ୍ୟ ରାଜପଥର ଜଡ଼ାବଣି ଗ୍ରାମ ନିକଟ ଆରୀକୂଳ ନଦୀ ପୋଲ ବାଡାରେ ପିଟି ହୋଇ ସୋମବାର ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବସିପିଠା ପଞ୍ଚାୟତ ଗୌଡ଼ଗାଁ ଗ୍ରାମର ବାଇଜୁ ମାରାଣ୍ଡି (୨୬)। ଅପରାହ୍ନରେ ସେ ପୁରୁଣାପାଣି ଗ୍ରାମରୁ ଫେରୁଥିବା ବେଳେ କୌଣସି କାରଣରୁ ଭାରସାମ୍ୟ ହରାଇ ନଦୀ ପୋଲ ବାଡ଼ାରେ ପିଟି ହୋଇଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଡୁକୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ ହେଁ ଡାକ୍ତରୁ ମୃତ ଘୋଷଣା କରିଥିଲେ। ଖୁଣ୍ଟା ଥାନା ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି।

# ଯେତେ ପାଖଉଛି ସେତେ ଉତ୍ସାହ ବଢ଼ୁଛି

## ମୟୂରଭଞ୍ଜରେ ଗଣପର୍ବ ମକର

**ବାରିପଦା ଅଫିସ,୧୧।୧**

ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲାର ଗଣପର୍ବ ମକର ପାଇଁ ସମସ୍ତେ ଉତ୍ସାହିତ ହୋଇଉଠିଛନ୍ତି। ୧୦ମାସ କାଳ କରୋନାର ଭୟାବହତା ମଧ୍ୟରେ କୌଣସି ପର୍ବପର୍ବାଣୀ ପାଳି ନ ଥିବା ଜିଲାବାସୀ ଏଥର 'ମକର'ପର୍ବ ପାଳନ ପାଇଁ ପ୍ରସ୍ତୁତି ଆରମ୍ଭ କରିସାରିଲେଣି।


ମକର ପାଇଁ ଲୋକେ ବଜାରରେ ଭିଡ଼ ଜମାଇଛନ୍ତି।

ସରକାରଙ୍କ କୋଭିଡ୍ କଟକଣା କୋହଳ ହେବା ପରେ ସମସ୍ତଙ୍କ ମନରେ ଉଙ୍କିମାରିଛି ଅଫୁରନ୍ତ ଆନନ୍ଦ । ଗାଁ ଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ସବୁଠି ଲାଗିଛି ଗହଳି । ହାଟ ଓ ବଜାରରେ ନୂଆବସ୍ତ୍ର, ମାଟିହାଣ୍ଡି, ବାଉଁଶ କୁଲା ପାଛିଆ, ଘରକରଣା ସାମଗ୍ରୀ ଆଦି କିଣିବା ପାଇଁ ଲୋକଙ୍କ ଭିଡ଼ ପରିଲକ୍ଷିତ ହେଉଛି। ଟୁସୁ ପୂଜା ପାଇଁ ବଜାରରେ ବିକ୍ରି ହେଲାଣି ପ୍ରତିମା । ଗାଁ ଗଣ୍ଡାରେ ମାଟିକାନ୍ଥକୁ ବିଭିନ୍ନ ହସ୍ତକଳାରେ ରଙ୍ଗବେରଙ୍ଗରେ ସୁସଜ୍ଜିତ କରାଯାଉଥିବା ବେଳେ ଶୁଭିଲାଣି ମାଦଳର ଶବ୍ଦ ଓ ଟୁସୁ ଗୀତ। ଜଳାଶୟ ମାନଙ୍କରେ ମକର ପଲା(କୁମା) ପାଇଁ ଶୁଖିଲା ତାଳପତ୍ର ଠୁଳ ହେବା ଦୃଶ୍ୟ ମକରକୁ ସ୍ୱାଗତ କରୁଥିବା ପ୍ରତୀୟମାନ ହେଲାଣି। ଆସନ୍ତା ଗୁରୁବାର ମକର ସଂକ୍ରାନ୍ତି ଥିବାରୁ ବାହାରେ କାମ କରୁଥିବା ଜିଲାର ଲୋକେ ସପରିବାର ଓ ବନ୍ଧୁଙ୍କ ସହ ପର୍ବ ମନାଇବା ପାଇଁ ଘରକୁ ଫେରିବା ଆରମ୍ଭ କଲେଣି । ଯାତ୍ରୀବାହି ବସ୍ ଓ ଚାରିଚକିଆ ଯାନରେ ମଧ ଭିଡ଼ ଦେଖିବାକୁ ମିଳୁଛି।

ଜିଲାର ସବୁ ବର୍ଗର ଲୋକେ ଏହି ପ୍ରସିଦ୍ଧ ମକରପର୍ବକୁ ପାଳନ କରୁଥିବା ବେଳେ ସାଧାରଣ ଲୋକଙ୍କ ସହିତ କୁଡୁମୀ ସମ୍ପ୍ରଦାୟର ଲୋକେ ୩ଦିନ ଧରି ଉତ୍ସବ ମନାଇଥାନ୍ତି । ମକର ପୂର୍ବ ଦିନ (ବାଉଣ୍ଡି ପର୍ବ) ଲୋକେ ଘରଦ୍ୱାରା ବିଶେଷ ଭାବେ ସଫା ସୁତୁରା କରିବା ସହ ସାଜସଜା କରନ୍ତି । ମହିଳାମାନେ ଚାଉଳ ଧୋଇ ପିଠା ପାଇଁ ଚୂନା କୁଟି ଆରିସା ଓ ମଣ୍ଡା ଇତ୍ୟାଦି ପିଠା ପ୍ରସ୍ତୁତ କରନ୍ତି । ବାଉଣ୍ଡି ପର୍ବ ରାତିରେ ଟୁସୁମୁନି ଦେବୀ ପ୍ରତିମାଙ୍କୁ ପାରମ୍ପରିକ ଗୀତ ଗାଇ ଦୀପଧୂପ ଦେଇ ପୂଜାର୍ଚ୍ଚନା କରିଥାନ୍ତି। ଭୋର ସମୟରେ ନିକଟସ୍ଥ ନଦୀ, ନାଳ ଓ ଜଳାଶୟକୁ ଯାଇ ମକର ପଲା(କୁମା) ଜାଳି ସେଠାରେ ସ୍ନାନ କରି ନବବସ୍ତ୍ର ପରିଧାନ ସହ ମାଦଳର ତାଳେ ତାଳେ ନୃତ୍ୟ ଗୀତ ପରିବେଷଣ କରିଥାନ୍ତି । ମକର ପର୍ବ ଦିନ ଗ୍ରାମ ଦେବତାଙ୍କ ପାଖରେ ମକର ଚାଉଳ, ଚୂଡ଼ା ଗୁଡ଼, ତିଳଉ ଓ ପିଠା ଭୋଗ ଲାଗିଥାଏ । ଘରେ ଘରେ ମାଂସ, ଭାତ,ପିଠାପଣା ଇତ୍ୟାଦି ସପରିବାରରେ ବନ୍ଧୁବାନ୍ଧବଙ୍କ ସହ ଖାଇଥାନ୍ତି। ଗ୍ରାମର କୁଆଁରୀ ଝିଅ, ଯୁବତୀ ଓ ମହିଳାମାନେ ଗୀତ ନୃତ୍ୟ ପରିବେଷଣ ସହ ଟୁସୁ ପ୍ରତିମାକୁ ଏକ ଶୋଭାଯାତ୍ରାରେ ନେଇ ମେଳାକୁ ଯାଇଥାନ୍ତି । ସେଠାରେ ପାରମ୍ପରିକ ରୀତିନୀତିରେ ଟୁସୁ ଦେବୀଙ୍କ ପ୍ରତିମାକୁ ବିସର୍ଜନ କରିଥାନ୍ତି। ମେଳା କମିଟି ତରଫରୁ ଉପସ୍ଥିତ ବିଚାରକ ମଣ୍ଡଳୀ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଭାବେ ଚୟନ କରିଥିବା ଟୁସୁ ଦଳକୁ ଅତିଥିଗଣ ପୁରସ୍କାର ପ୍ରଦାନ କରିବା ପରମ୍ପରା ରହିଆସିଛି।

### ଏମାନେ ଯାହା କୁହନ୍ତି

"ମକର ସଂକ୍ରାନ୍ତି ସମୟରେ ହତ୍ୟାକାଣ୍ଡ ଓ ଦୁର୍ଘଟଣା ଜନିତ ମୃତ୍ୟୁକୁ ଦୃଷ୍ଟିରେ ରଖି କୁକୁଡ଼ା ଲଢ଼େଇ, ଜୁଆଖେଳ ଏବଂ ଅବାଧ ମଦବିକ୍ରି ବନ୍ଦ ପାଇଁ ଜିଲା ପୋଲିସ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି।

**-ପରମାର ସ୍ମିଥ ପୁରୁଷୋତ୍ତମ ଦାସ, ଆରକ୍ଷୀ ଅଧିକ୍ଷକ।**

"ଆଦିବାସୀ ଲୋକେ ଅସ୍ଥି ବିସର୍ଜନ ପରେ ମୁଣ୍ଡନ ହୋଇଥାନ୍ତି । ସାଙ୍ଗରେ ଆଣିଥିବା ଭାରରେ ବିଭିନ୍ନ ସାମଗ୍ରୀ, ଅଳଙ୍କାର ଓ ବସ୍ତ୍ର ଦାନ କରିଥାନ୍ତି । ଏହା ଏକ ମହାନ ପରମ୍ପରା।

**-ଚୈତନ୍ୟ ସୋରେନ, ପୂର୍ବତନ ବ୍ଲକ ଅଧକ୍ଷ, ବଡ଼ସାହି।**

"୫ତାରିଖରୁ ଜିଲାରେ ମଠ ମନ୍ଦିର ଖୋଲିଥିବାରୁ ସାଧାରଣ ଦର୍ଶନ ଓ ପୂଜା ପାଇଁ ଭକ୍ତଙ୍କ ଭିଡ଼ ଲାଗିବା ଅନୁମାନ କରାଯାଉଛି । ମଠ ମନ୍ଦିର କର୍ତ୍ତୃପକ୍ଷଙ୍କୁ କୋଭିଡ୍ ଗାଇଡ୍‌ଲାଇନ ମାନିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

**-ରବୀନ୍ଦ୍ର ନାୟକ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ।**

"ଜିଲାର ପୁରପଲ୍ଲୀରେ ମକର ପର୍ବ ୪/୫ ଦିନ ଧୂମଧାମରେ ପାଳନ ହେଉଥିବାରୁ ଏହାର ପ୍ରଭାବରେ ସହର ବଜାର ଶୂନଶାନ ହୋଇଯାଇଥାଏ । ହୋଟେଲ, ଜଳଖିଆ, ଚା, ପାନ ଦୋକାନ ସବୁ ବନ୍ଦ କରି ସମସ୍ତେ ପର୍ବ ପାଳନରେ ମସ୍‌ଗୁଲ ରୁହନ୍ତି।

**-ଯୋଗେଶ୍ୱର ମହାନ୍ତ, ଅଧାପକ, ରଙ୍ଗାମାଟିଆ କଲେଜ।**

"ତେବେ ଚଳିତ ବର୍ଷ କୋଭିଡ୍ କଟକଣା ପାଇଁ ଜିଲାରେ ହେଉଥିବା ମେଳା ଓ ଟୁସୁ ପର୍ବ ଆୟୋଜନ ପ୍ରଭାବିତ ହୋଇଛି। ଆଦିବାସୀ ସମ୍ପ୍ରଦାୟର ପିତୃପୁରୁଷଙ୍କୁ ପିଣ୍ଡଦାନ ପାଇଁ ଜିଲାର ବିଭିନ୍ନ ନଦୀ ଓ ନାଳର ସଙ୍ଗମ ସ୍ଥଳୀରେ ଦାମୋଦର ମେଳା ଦୁଇ ଦିନ ଧରି ଅନୁଷ୍ଠିତ ହେବ।

**-ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତ, ମେଳା ପରିଚାଳକ, ବିଦ୍ୟାଧରଖୁଣ୍ଟା।**

## ଦରମା ନ ପାଇ ପରିବାର ସହ ଧାରଣାରେ ବସିଲେ ଜିଆର୍‌ଏସ୍

**ବାସୁଦେବପୁର,୧୧।୧(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଗୁଆଗଡ଼ିଆ ପଞ୍ଚାୟତର ଜିଆର୍‌ଏସ୍ ଉତ୍କଳ ମଲିକ ୧୧ ମାସର ଦରମା ପାଇ ନ ଥିବା ଅଭିଯୋଗ କରିଛନ୍ତି। ଏହାର ପ୍ରତିବାଦରେ ସୋମବାର ସେ ସ୍ତ୍ରୀ ଓ ୩ ପିଲାଙ୍କ ସହ ବିଡିଓଙ୍କ କାର୍ଯ୍ୟାଳୟ ସାମ୍ନାରେ ଧାରଣା ଦେଇଥିଲେ। ଉତ୍କଳ ଅଭିଯୋଗ କରିଛନ୍ତି ଯେ, ଗତ ଏପ୍ରିଲଠାରୁ ଅଦ୍ୟାବଧି ବିଭିନ୍ନ ଆଳ ଦେଇ ଦରମା ବନ୍ଦ କରାଯାଇଛି। କୋଭିଡ୍ ସମୟରେ ସେ ମଧ୍ୟ ଗୁଆଗଡ଼ିଆ ପଞ୍ଚାୟତରେ ଦୈନିକ କାର୍ଯ୍ୟ କରିଥିଲେ। ୧୧ ମାସର ଦରମା ନ ପାଇ ଆର୍ଥିକ ସଙ୍କଟର ସମ୍ମୁଖୀନ ହୋଇଛନ୍ତି। ଏ ବାବଦରେ ବ୍ଲକ କର୍ତ୍ତୃପକ୍ଷଙ୍କୁ ଅବଗତ କରିଥିଲେ ମଧ ଦରମା ଦିଆ ନ ଯିବାରୁ ବାଧହୋଇ ସେ ପରିବାର ସହ ସନ୍ଧ୍ୟା ପର୍ଯ୍ୟନ୍ତ ଧାରଣାରେ ବସି ରହିଥିଲେ। ଏ ସମ୍ପର୍କରେ ବିଡିଓ ପ୍ରଣବ କୁମାର ବେହେରାଙ୍କୁ ପଚାରିବାରୁ କହିଛନ୍ତି, ସମ୍ପୃକ୍ତ ଜିଆର୍‌ଏସ୍ ଠିକ୍ ଭାବେ କାର୍ଯ୍ୟ ସମ୍ପାଦନ କରୁ ନ ଥିବା ଅନୁସନ୍ଧାନରୁ ଜଣାପଡ଼ିଥିଲା। ତାଙ୍କର ୨ ମାସର ଦରମା ପ୍ରଦାନ ପାଇଁ ବ୍ୟବସ୍ଥା କରାଯାଉଛି। ତେବେ ଏହି ଦୁଇମାସର ଦରମା ନେବାକୁ ଜିଆର୍‌ଏସ୍ ଉତ୍କଳ ଅଗ୍ରାହ୍ୟ କରି ୧୧ ମାସର ସମ୍ପୂର୍ଣ୍ଣ ଦରମା ଦେବାକୁ ଦାବି କରିଛନ୍ତି।

# ଆଗ ଥଇଥାନ ପରେ ଉଚ୍ଛେଦ



ଶୋଭାଯାତ୍ରାରେ ସାମିଲ ହୋଇଥିବା ଉଠା ଦୋକାନୀମାନେ।

## ରାସ୍ତାକଡ଼ ଦୋକାନୀଙ୍କ ବିକ୍ଷୋଭ

**ଭଦ୍ରକ ଅଫିସ, ୧୧।୧**

ଦୀର୍ଘ ବର୍ଷ ଧରି ରାସ୍ତାପାର୍ଶ୍ୱରେ ଦୋକାନ କରି କ୍ଷୁଦ୍ର ବ୍ୟବସାୟୀ ଭାବେ ଚିହ୍ନଟ ହୋଇଆସୁଥିବା ବନ୍ତ ଛକ ଅଞ୍ଚଳର ବ୍ୟବସାୟୀମାନେ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ପ୍ରଥମେ ବନ୍ତ ଛକରୁ ଶ୍ରମିକ ନେତା ଦିବ୍ୟସିଂହ ନାୟକଙ୍କ ନେତୃତ୍ୱରେ ବ୍ୟବସାୟୀମାନେ ଶୋଭାଯାତ୍ରାରେ ଆସି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ବିକ୍ଷୋଭ ପ୍ରଦର୍ଶନ କରି ପ୍ରଥମେ ସେମାନଙ୍କୁ ଥଇଥାନ କରାଯାଇ ପରେ ଉଚ୍ଛେଦ କରାଯାଉ ବୋଲି ଦାବି ରଖିଥିଲେ। ଦୋକାନୀମାନେ ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଭେଟି ସମାନ ଦାବି ରଖିଥିଲେ। ଏହାପରେ ବ୍ୟବସାୟୀମାନେ ଭଦ୍ରକ ବିଧାୟକ ସଞ୍ଜୀବ କୁମାର ମଲ୍ଲିକଙ୍କ ଅପର୍ତ୍ତିବିନ୍ଧା ଆବାସିକ କାର୍ଯ୍ୟାଳୟକୁ ଯାଇ ସମାନ ଦାବି ଦୋହରାଇଥିଲେ। ପ୍ରଶାସନ ଓ ବିଧାୟକଙ୍କ ପକ୍ଷରୁ ଉଚ୍ଛେଦ ପରେ ବିଭିନ୍ନ ସ୍ଥାନରେ କରାଯିବାକୁ ଥିବା ଦୋକାନଗୃହ ସେମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ତେବେ ସେମାନଙ୍କୁ ଉଚ୍ଛେଦ କରିବା ପୂର୍ବରୁ ବନ୍ତ ଛକ ଅଞ୍ଚଳରେ ପୁନଃ ଥଇଥାନ କରିବାକୁ ପ୍ରଶାସନକୁ ଅନୁରୋଧ କରିଛନ୍ତି।

## ଭାଜପା ମଣ୍ଡଳସ୍ତରୀୟ ପ୍ରଶିକ୍ଷଣ ଶିବିର

**ତେଲକୋଇ, ୧୧।୧(ଡି.ଏନ.ଏ.)**

କେନ୍ଦୁଝର ଜିଲା ତେଲକୋଇ ବ୍ଲକ ଅନ୍ତର୍ଗତ ୨ଟି ଜୋନରେ ଭାଜପା ମଣ୍ଡଳ ସ୍ତରୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ବ୍ଲକରେ ୨ ଜୋନ ମଧ୍ୟରୁ ତେଲକୋଇ ଓ ସିରିଗିଡାରେ ପ୍ରଶିକ୍ଷଣ ଶିବିର କରାଯାଇଥିଲା। ତେଲକୋଇ ଜୋନର ସଭାପତି ସତ୍ୟନାରାୟଣ ସାହୁ ରହିଥିବାବେଳେ ସିରିଗିଡା ଜୋନର ସଭାପତି ମଧୁସୂଦନ ବାରିକ ପ୍ରଶିକ୍ଷଣ ଶିବିରକୁ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ପୂର୍ବତନ ବିଧାୟକ ଧନୁର୍ଜୟ ସିଦ୍ଧୁ ସମେତ ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଉଦୟ କୁମାର ସାହୁ, ପ୍ରଫୁଲ୍ଲ ସାହୁ, ଲୋକନାଥ ସାହୁ, ପୂର୍ବତନ ଭାଜପା ପ୍ରାର୍ଥୀ ତଥା ସରପଞ୍ଚ ମାନସ କୁମାର ନାୟକଙ୍କ ସମେତ ପଞ୍ଚାୟତର ସଭାପତି ଓ ଛାମୁଆ ନେତାମାନେ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ ତେଲକୋଇ ମୁଖ୍ୟାଳୟର ଚଷା ସମାଜ ସଭା ଗୃହରେ ପ୍ରଶିକ୍ଷଣ ପରେ କାଳିଆହତାର ହାଟ ପଡ଼ିଆରେ ଏହି କାର୍ଯ୍ୟକ୍ରମ କରିଥିଲେ।

## ମତ୍ସ୍ୟଜୀବୀଙ୍କୁ ତାଲିମ ସମ୍ପର୍କିତ ୱେବିନାର

**ବାଲେଶ୍ୱର ଅଫିସ,୧୧।୧**

ବାଲେଶ୍ୱର ଜିଲା ବାମପଦାସ୍ଥିତ ସିପେଟ୍ ପରିସରରେ ମତ୍ସ୍ୟଜୀବୀମାନଙ୍କୁ ପ୍ରଶିକ୍ଷଣ ଓ ତାଲିମ ସଂକ୍ରାନ୍ତୀୟ ଏକ ୱେବିନାର ସୋମବାର ଆୟୋଜିତ ହୋଇଛି। କେନ୍ଦ୍ର ପଶୁପାଳନ, ଦୁଗ୍ଧ ଓ ମତ୍ସ୍ୟ ସମ୍ପଦ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ରାଷ୍ଟ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ଦେଶର ମତ୍ସ୍ୟ ସମ୍ପଦର ବିକାଶ ଓ ଅଭିବୃଦ୍ଧି ପାଇଁ ତଳସ୍ତରରୁ ପ୍ରଶିକ୍ଷଣ, ସଚେତନତା ସୃଷ୍ଟି ହେବା ନିହାତି ଜରୁରୀ ବୋଲି କହିଥିଲେ। ସେହିପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆତ୍ମନିର୍ଭରଶୀଳ ଯୋଜନାରେ ଲୁଣି ମାଛ ଓ ମଧୁର ମାଛ ଚାଷ, ରକ୍ଷଣାବେକ୍ଷଣ ପାଇଁ ବ୍ୟାପକ ଯୋଜନାର କ୍ଷେତ୍ର ପ୍ରସ୍ତୁତ କରାଯାଇଛି। ଏହାର ସୁଯୋଗ କିଭଳି ମତ୍ସ୍ୟଜୀବୀ ଭଉଣୀଭାଇମାନେ ପାଇବେ ଓ ସାଧାରଣ ଲୋକ ଉପକୃତ ହେବେ ତାହା ଦେଖିବା ମତ୍ସ୍ୟ ବିଭାଗର ଅଧିକାରୀଙ୍କ ଗୁରୁଦାୟିତ୍ୱ। ସମ୍ବଳ ସୃଷ୍ଟ ଓ ତା'ର ପରିଚାଳନା ଠିକ୍ ଭାବେ ହୋଇପାରିଲେ ପ୍ରଧାନମନ୍ତ୍ରୀ ଦେଖିଥିବା ଆତ୍ମନିର୍ଭରଶୀଳ ଭାରତର ସଫଳ ରୂପାୟନ ହିତାଧିକାରୀଙ୍କ ପାଖରେ ପହଞ୍ଚିବା ସମ୍ଭବ ହେବ ବୋଲି କହିଥିଲେ। ଏହି ୱେବିନାରରେ ରାଜ୍ୟ ସରକାରଙ୍କ ମତ୍ସ୍ୟ କୃଷି ଓ ଉଚ୍ଚଶିକ୍ଷାମନ୍ତ୍ରୀ ଡ. ଅରୁଣ କୁମାର ସାହୁ କହିଲେ ଯେ, ମତ୍ସ୍ୟ ଉତ୍ପାଦନ ଓ ଅଭିବୃଦ୍ଧିରେ ଓଡ଼ିଶା ବେଶ୍ ଅଗ୍ରଗତି କରିଛି। ରାଜ୍ୟରେ ମତ୍ସ୍ୟ ଚାଷ ପାଇଁ ପୋଖରୀ ଖନନ, ପଞ୍ଚାୟତ ପୋଖରୀକୁ ମାଛଚାଷ ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ହସ୍ତାନ୍ତର ଆଦି କରାଯାଇଛି ବୋଲି ସେ ସୂଚନା ଦେଇଥିଲେ। ଏହି ୱେବିନାର୍ କାର୍ଯ୍ୟକ୍ରମରେ ରାଜ୍ୟର ବହୁ ମତ୍ସ୍ୟ ଚାଷୀ, ମତ୍ସ୍ୟ ବିଭାଗର ବରିଷ୍ଠ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ।



ୱେବିନାରରେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡଙ୍ଗୀ ଓ ଅନ୍ୟମାନେ।

## ମଲ୍ଲିପଶି ଭଲି ଟୁର୍ନାମେଣ୍ଟ: ପଣ୍ଡୁଆ ଚାମ୍ପିୟନ

**ଢେଙ୍କିକୋଟ, ୧୧।୧(ଡି.ଏନ.ଏ.)**

କେନ୍ଦୁଝର ଜିଲା ପାଟଣା ବ୍ଲକ ମଲ୍ଲିପଶି ଗ୍ରାମର ୪ର୍ଥ ବାର୍ଷିକ ଭଲିବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏକ ଦିବସୀୟ ଦିବାରାତ୍ର ଭଲିବଲ ଟୁର୍ନାମେଣ୍ଟରେ ରାଜ୍ୟର ବିଭିନ୍ନ ସ୍ଥାନରୁ ୬ ଟିମ୍ ଅଂଶଗ୍ରହଣ କରିଥିଲେ। ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ବିଶ୍ୱନାଥ ନାୟକ ଓ ସମ୍ମାନନୀୟ ଅତିଥି ଚିନାମାଳିପଶି ସରପଞ୍ଚ କନକଲତା ନାଏକ ଯୋଗଦେଇଥିଲେ। ଫାଇନାଲ ମ୍ୟାଚ୍ ପଣ୍ଡୁଆ ଭଲି ଟିମ୍ ସହ ବ୍ରହ୍ମପୁର କରଞ୍ଜିଆ ଭଲିଟିମ୍ ଖେଳିଥିଲା। ଉଭୟଦଳ ୨ ସେଟ୍ ଲେଖାଏ ଖେଳି ସମାନ ସ୍ତରରେ ରହିଥିବା ବେଳେ ଶେଷ ମ୍ୟାଚ୍ ୧୫ ପଏଣ୍ଟ ହୋଇଥିଲା। ଗୋଟିଏ ପଏଣ୍ଟରେ ପଣ୍ଡୁଆ, ବ୍ରହ୍ମପୁର କରଞ୍ଜିଆକୁ ହରାଇ ଚାମ୍ପିୟନ ହୋଇଥିଲା। ନ୍ୟାଶନାଲ ରେଫ୍‌ରି କଳାକାର ସାମଲ, ରାଜ୍ୟସ୍ତରୀୟ ରେଫ୍‌ରି ବାରିପଦାର ସ୍ନେହାଶିଷ ମହାନ୍ତି, ଦୁର୍ଗାମାଧ ନାୟକ ଏବଂ ଗଗନ ବିହାରୀ ପରିଡ଼ା ପରିଚାଳନା କରିଥିଲେ। ଶିକ୍ଷକ ପାର୍ଥସୁନ୍ଦର ବେଜ, ନୀଳମଣି ମଣ୍ଡଳ ଖେଳଧାରା ବିବରଣୀ ପ୍ରଦାନ କରିଥିଲେ।

## ମକର ମେଳା, ଟୁସୁ ଭସାଣି ଉତ୍ସବ ବାତିଲ

**କେନ୍ଦୁଝର, ୧୧।୧(ଡି.ଏନ୍.ଏ.)**

କେନ୍ଦୁଝର ସଦର ବ୍ଲକ ରଘୁନାଥପୁର ପଞ୍ଚାୟତର ଚକଠାରେ ହେଉଥିବା ପ୍ରସିଦ୍ଧ ମକର ମେଳା ଓ ଟୁସୁ ଭସାଣି ଉତ୍ସବ ଚଳିତବର୍ଷ ହେବ ନାହିଁ ବୋଲି ମନ୍ଦିର ପରିଚାଳନା କମିଟି ତରଫରୁ ସୂଚନା ଦିଆଯାଇଛି। କୋଭିଡ କଟକଣା କାରଣରୁ ଜାନୁୟାରୀ ୧୪ରୁ ୧୬ ତାରିଖ ପର୍ଯ୍ୟନ୍ତ ଚକ ଗ୍ରାମର ରଘୁନାଥେଶ୍ୱର ମନ୍ଦିର ପରିଚାଳନା କମିଟି ତରଫରୁ ଆୟୋଜିତ ମକର ମେଳା ଓ ଟୁସୁ ଭସାଣି ଉତ୍ସବକୁ ଚଳିତବର୍ଷ ବାତିଲ କରାଯାଇଛି। ସୂଚନାଯୋଗ୍ୟ ଯେ, ଏଠାକାର ଟୁସୁ ଭସାଣି ଉତ୍ସବ ଦେଖିବାକୁ ପ୍ରବଳ ଜନଗହଳି ହୋଇଥାଏ। ଟୁସୁ ମେଳାର ଏକ ସ୍ୱାତନ୍ତ୍ର ମଧ୍ୟ ରହିଛି। ତେଣୁ ଚକଠାରେ ହେବାକୁ ଥିବା ଏହି ମେଳା ବାତିଲ ହେବା ଶୁଣି ସ୍ଥାନୀୟ ଲୋକଙ୍କ ମଧ୍ୟରେ ନିରାଶା ଭାବ ଦେଖାଦେଇଛି।

## ଖଣି କାମ ବନ୍ଦ, ଗ୍ରାମବାସୀ ଜିଲାପାଳଙ୍କ ଦ୍ୱାରସ୍ଥ

**କେନ୍ଦୁଝର ୧୧।୧ (ସ୍ୱ.ପ୍ର.)**

କେନ୍ଦୁଝର ଜିଲା ବାମେବାରୀ ଥାନା ଅନ୍ତର୍ଗତ ଖଜୁରୀଡିହି ଗ୍ରାମବାସୀ ସେମାନଙ୍କ ଜୀବନଜୀବିକା ସମ୍ପର୍କିତ ଦାବିପତ୍ର ସୋମବାର ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ପ୍ରଦାନ କରିଛନ୍ତି। ଲାଲ ମିନେରାଲସ ପ୍ରା ଲି. ନାମକ ଏକ ଖଣିକୁ ଯାତାୟାତ ପାଇଁ ଆବଶ୍ୟକ ରାସ୍ତା ପାଇଁ ସେମାନେ ସେମାନଙ୍କ ଜମି ଦେଇଛନ୍ତି। ଏଥିପାଇଁ ଗତ ଜୁନ ୪ ତାରିଖରେ କମ୍ପାନୀ ସହ ୫ ବର୍ଷିଆ ଚୁକ୍ତି ହୋଇଥିଲା। ଚୁକ୍ତି ମୁତାବକ ଦୁଇଟି କିସ୍ତିରେ ଜମି ବାବଦକୁ ଏକ ଲକ୍ଷ ଟଙ୍କା ପାଇଥିବା ବେଳେ ଗ୍ରାମର ୨୪ ଜଣ ଯୁବକଙ୍କୁ ମାସିକ ଦରମାରେ ନିଯୁକ୍ତି ମିଳିଥିଲା। ତେବେ କେତେକ ଅସାମାଜିକ ଲୋକ କମ୍ପାନୀକୁ ଧମକ ଚମକ କରି କାମରେ ବାଧା ସୃଷ୍ଟି କରୁଥିବାରୁ ଦୁଇ ମାସ ହେଲା ସେସବୁ ସୁବିଧାରୁ ବଞ୍ଚିତ ରହିଥିବାରୁ ସେମାନଙ୍କ ଜୀବିନଜୀବିକା ପ୍ରଭାବିତ ହୋଇ ନାନା ସମସ୍ୟାର ସମ୍ମୁଖୀନ ହେଉଥିବା କହିଛନ୍ତି। ଏଣୁ ଏନେଇ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିବା ସହ ଏହାର କପି ଜିଲା ପରିଷଦ ଅଧକ୍ଷା ତଥା କେନ୍ଦୁଝର ଏସ୍‌ପିଙ୍କୁ ପ୍ରଦାନ କରିଛନ୍ତି।



ଦାବିପତ୍ର ଦେବାକୁ ଆସିଥିବା ଖଜୁରୀଡିହି ଗ୍ରାମବାସୀ।

# ବିଭିନ୍ନ ଦାବି ନେଇ ଆଦିବାସୀଙ୍କ ଶୋଭାଯାତ୍ରା

**ଠାକୁରମୁଣ୍ଡା/ ଚିତ୍ରଡ଼ା,୧୧।୧(ଡି.ଏନ୍.ଏ.)**

ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡାଠାରେ ଆଦିବାସୀଙ୍କ ପକ୍ଷରୁ ସୋମବାର ବିଭିନ୍ନ ଦାବି ନେଇ ଏକ ଶୋଭାଯାତ୍ରା ବାହାରିଥିଲା। ଆଦିବାସୀ ନେତା ସୁଦାମ ମାଝି, ଘସିରାମ ହାଁସଦା ନିମାଇଁ ମୁର୍ମୁ, ରଘୁନାଥ ମୁର୍ମୁ, ସମ୍ପାଦକ ସୁରେନ୍ଦ୍ର ନାଥ ହାଁସଦାଙ୍କ ନେତୃତ୍ୱରେ ଶତାଧିକ ଆଦିବାସୀ ଠାକୁରମୁଣ୍ଡା ହାଟପଡ଼ିଆ ଠାରୁ ଶୋଭାଯାତ୍ରାରେ ବାହାରି ସ୍ଥାନୀୟ ବିଡ଼ିଓଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଆଦିବାସୀମାନଙ୍କୁ ସାରନା ଧର୍ମ କୋଡ୍ ପ୍ରଦାନ, ହୋ ଭାଷାକୁ ଅଷ୍ଟମ ଅନୁଚ୍ଛେଦରେ ସାମିଲ କରିବା, ସମ୍ବିଧାନର ପଞ୍ଚମ ଅନୁସୂଚୀକୁ ଲାଗୁ କରିବା, ଜଙ୍ଗଲ ଜମି ଅଧିକାର ଆଇନ ୨୦୦୬ ଲାଗୁ କରି ଆଦିବାସୀଙ୍କ ଜଙ୍ଗଲ ଜମି,ପୂଜାସ୍ଥଳୀ ପାଇଁ ପଟ୍ଟା ପ୍ରଦାନ ସହ ଆଦିବାସୀଙ୍କ ବିସ୍ଥାପନକୁ ବନ୍ଦ କରିବା ଆଦି ଦାବିପତ୍ରରେ ଉଲ୍ଲେଖ କରାଯାଇଛି।



ଠାକୁରମୁଣ୍ଡା ବ୍ଲକ କାର୍ଯ୍ୟାଳୟ ଅଭିମୁଖେ ଯାଉଥିବା ଶୋଭାଯାତ୍ରା।

ସେହିପରି ମୋରଡ଼ା ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟତର ଆଦିବାସୀମାନେ ବିଭିନ୍ନ ଦାବି ନେଇ ସୋମବାର ବିଶାଳ ପଦଯାତ୍ରାରେ ବାହାରି ମୁଖ୍ୟମନ୍ତ୍ରୀ ଓ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ବିଡିଓ ଏବଂ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଶୀଳଦା ଜମ୍ବୀରା ନଦୀ ପୋଲ ନିକଟରୁ ପାରମ୍ପରିକ ବେଶଭୁଷା, ବାଦ୍ୟଯନ୍ତ୍ର ସହ ସେମାନେ ମୋରଡ଼ା ବ୍ଲକ କାର୍ଯ୍ୟାଳୟଠାରେ ପହଞ୍ଚିଥିଲେ। ଏହି ପଦଯାତ୍ରା ମୋରଡ଼ା ବ୍ଲକ ପେସା ଗ୍ରାମସଭା କୋ-ଅର୍ଡିନେଶନ କମିଟି ପକ୍ଷରୁ ଆୟୋଜନ କରାଯାଇଥିଲା। କମିଟିର ଜିଲା ସଭାପତି ତଥା ରାଜ୍ୟ ସମ୍ପାଦକ ପାଣ୍ଡୁରାମ ହେମ୍ବ୍ରମ,ଜିଲା ସମ୍ପାଦକ ନନାରାମ ମୁର୍ମୁ, ବ୍ଲକ ସଭାପତି କୁଆଁର ବାସ୍କେ, ବ୍ଲକ ସମ୍ପାଦିକା ଛିତା ସୋରେନଙ୍କ ସହ ବିଭିନ୍ନ ବ୍ଲକର ସଭାପତି ଓ ସମ୍ପାଦକଙ୍କ ଆହ୍ୱାନ କ୍ରମେ ଶତାଧିକ ଆଦିବାସୀ ଏହି ପଦଯାତ୍ରାରେ ସାମିଲ ହୋଇଥିଲେ।

## ୪୩ ଦିନ ପରେ ଶିଶୁ ଉଦ୍ଧାର

ଖଇରା,(ଡି.ଏନ.ଏ.):ବାଲେଶ୍ୱର ଜିଲା ଖଇରା ବ୍ଲକ ସିମୁଳିଆ ଥାନା ଅଞ୍ଚଳରୁ ଜଣେ ଶିଶୁକୁ ୪୩ଦିନ ପରେ ଯାଜପୁର ଜିଲା ମଙ୍ଗଳପୁର ଥାନା ଅଞ୍ଚଳରୁ ଉଦ୍ଧାର କରାଯାଇଛି। ନଭେମ୍ବର ୨୯ ତାରିଖରେ ବିଞ୍ଝାରପୁର ଥାନା ଅଞ୍ଚଳର ଜଣେ ବ୍ୟକ୍ତି ଶିଶୁର ମା'ଙ୍କୁ ପ୍ରଲୋଭନ ଦେଖାଇ ତାଙ୍କ ସହ ନେଇଯାଇଥିଲେ। ସେ ମଙ୍ଗଳପୁରଠାରେ ଶିଶୁକୁ ଶ୍ରମିକ ଭାବେ ନିର୍ଯାତନା ଦେଉଥିଲେ। ବାପା ରାମ ଦାସଙ୍କ ଅଭିଯୋଗକ୍ରମେ ସିମୁଳିଆ ପୋଲିସ ଓ ଖଇରା ଚାଇଲ୍ଡଲାଇନର ମିଳିତ ଉଦ୍ୟମରେ ଶିଶୁଙ୍କୁ ଶନିବାର ଉଦ୍ଧାର କରାଯାଇ ସୋମବାର ବାଲେଶ୍ୱର ଶିଶୁ ମଙ୍ଗଳ କମିଟିକୁ ହସ୍ତାନ୍ତର କରାଯାଇଛି।



## ସଂକ୍ଷେପରେ

### ବଳାତ୍କାରର ଶିକାର ନାବାଳିକା ଗର୍ଭବତୀ, ଯୁବକ ଗିରଫ

**ଢେଙ୍କିକୋଟ, ୧୧।୧(ଡି.ଏନ.ଏ.):** କେନ୍ଦୁଝର ଜିଲା ଭୋଳବେଡା ଅଞ୍ଚଳରେ ଜଣେ ନାବାଳିକା ବଳାତ୍କାର ଶିକାର ହୋଇ ୫ମାସର ଗର୍ଭବତୀ ଥିବା ଢେଙ୍କିକୋଟ ଫାଣ୍ଡିରେ ଅଭିଯୋଗ ହୋଇଛି। ଘଟଣାରୁ ପ୍ରକାଶ ଯେ, ଭୋଳବେଡା ଅଞ୍ଚଳରେ ଜଣେ ୧୦ମ ଶ୍ରେଣୀ ଛାତ୍ରୀ ନିଜ ମାଉସୀ ଘରେ ରହି ପାଠ ପଢୁଥିଲେ। ବସନ୍ତ ନାୟକ ନାମକ ଜଣେ ଯୁବକ ଉକ୍ତ ନାବାଳିକାଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିଥିଲେ। ଏନେଇ ନାବାଳିକାଙ୍କ ପରିବାର ପକ୍ଷରୁ ଅଭିଯୋଗ ହେବାପରେ ଫାଣ୍ଡି ଅଧିକାରୀ ସତ୍ୟନାରାୟଣ ପରିଡା ଘଟଗାଁ ଥାନା ଆଇଆଇସି ଶ୍ୟାମଘନ ବେହେରାଙ୍କୁ ଜଣାଇଥିଲେ। ଆଇଆଇସିଙ୍କ ନିର୍ଦ୍ଦେଶ କ୍ରମେ ସବ୍‌ଇନ୍‌ସ୍ପେକ୍ଟର ମାନସରଞ୍ଜନ ବେହେରା ସଦଳବଳ ଚଢ଼ାଉ କରି ବସନ୍ତଙ୍କୁ ଗିରଫ କରିଛନ୍ତି। ଏ ନେଇ ଘଟଗାଁ ଥାନାରେ ଏକ ମାମଲା (ନଂ.୬/୨୧) ରୁଜୁ ହୋଇଛି। ମଙ୍ଗଳବାର ଡାକ୍ତରୀମାଇନା କରାଯାଇ ବସନ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଥାନା ଆଇଆଇସି ବେହେରା କହିଛନ୍ତି।

### ସରପଞ୍ଚ ଉପନିର୍ବାଚନ: ପ୍ରାର୍ଥୀ ଘୋଷଣା କଲା ବିଜେଡି

**ପଦ୍ମପୁର,୧୧।୧(ଡି.ଏନ.ଏ.):** ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ବିଦେଇପୁର ସରପଞ୍ଚ ଉପନିର୍ବାଚନ ପାଇଁ ବିଜେଡି ପକ୍ଷରୁ ପ୍ରାର୍ଥୀ ଘୋଷିତ ହୋଇଛି। ଏଥିପାଇଁ ବିଜେଡିର ଦଳୀୟ କର୍ମୀଙ୍କ ବୈଠକ ଅନୁଷ୍ଠିତ ହେବା ସହ ବିଧାୟକ ବିଷ୍ଣୁବ୍ରତ ରାଉତରାୟ କେରସାହି ଗ୍ରାମର ଶାନ୍ତିଲତା ଜେନାଙ୍କୁ ପ୍ରାର୍ଥୀ ଭାବେ ଘୋଷଣା କରିଛନ୍ତି।

### ଅଶ୍ଳୀଳ ଫଟୋ ଭାଇରାଲ୍: ୨ ଯୁବକ ଗିରଫ

**ଭଣ୍ଡାରିପୋଖରୀ,୧୧।୧(ଡି.ଏନ.ଏ):** ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କ ଅଶ୍ଳୀଳ ଫଟୋ ଭାଇରାଲ କରିବା ଅଭିଯୋଗରେ ପୋଲିସ ୨ ଯୁବକଙ୍କୁ ଗିରଫ କରିଛି। ସେମାନେ ହେଲେ ନପଙ୍ଗ ଗ୍ରାମର ସତ୍ୟରଞ୍ଜନ ନାୟକ ଓ ପ୍ରୀତିକାନ୍ତ ବାରିକ। ଏ ନେଇ ପୋଲିସ ଏକ ମାମଲା (ନଂ.୨୩/୨୧) ରୁଜୁ କରି ତଦନ୍ତ ଚଳାଇଛି। ତେବେ ଏହି ଘଟଣାରେ ବହୁ ଯୁବକ ସମ୍ପୃକ୍ତ ଥିବା କୁହାଯାଉଛି। ପୋଲିସ ୭ ମୋବାଇଲ ଜବତ କରିଥିବା ସୂଚନା ଦେଇଛି।

### ପୃଥକ୍ ସ୍ଥାନରୁ ୩ ଗୋରୁ ବୋଝେଇ ଗାଡ଼ି ଜବତ

**ଭଦ୍ରକ ଅଫିସ, ୧୧।୧:** ଭଦ୍ରକ ପୁରୁଣାବଜାର ଥାନା ପୋଲିସ ଓ ଗ୍ରାମାଞ୍ଚଳ ପୋଲିସ ପୃଥକ୍ ସ୍ଥାନରୁ ୩ ଗୋରୁ ବୋଝେଇ ଗାଡ଼ି ଜବତ କରିଛନ୍ତି। ସୂଚନା ଅନୁଯାୟୀ, ପୁରୁଣାବଜାର ପୋଲିସ ରବିବାର ବିଳମ୍ବିତ ରାତିରେ ଆର୍‌ଏମ୍‌ସି ମାର୍କେଟ ନିକଟରୁ ୫ ଗୋରୁଙ୍କୁ ନେଇ ବାଲେଶ୍ୱର ଅଭିମୁଖେ ଯିବାକୁ ଥିବା ଏକ ପିକ୍‌ଅପ୍ ଜବତ କରିଥିଲା। ଡ୍ରାଇଭର ଫେରାର ହୋଇଯାଇଛନ୍ତି। ସେହିପରି ରବିବାର ସନ୍ଧ୍ୟାରେ ରାଣୀତାଲ ଠାରୁ ୨ଟି ଗୋରୁ ବୋଝେଇ ଗାଡ଼ି ଜବତ କରିଛି ଗ୍ରାମାଞ୍ଚଳ ପୋଲିସ। ଦୁଇଗାଡ଼ିର ଡ୍ରାଇଭର ଓ ହେଲ୍‌ପର ୪ ଜଣଙ୍କୁ ଗିରଫ କରାଯାଇଛି। ବାଲେଶ୍ୱର ଅଡ଼ା ଅଞ୍ଚଳରୁ ଭଦ୍ରକ ଅଞ୍ଚଳକୁ ଦୁଇଟି ପିକ୍‌ଅପ୍‌ରେ ୧୪ ଗୋରୁ ଚାଲାଣ ହେଉଥିବା ପୋଲିସ ଖବର ପାଇଥିଲା। ରାଣୀତାଲ ଛକରେ ପୋଲିସ ଅଟକାଇ ଗୋରୁଙ୍କୁ ଉଦ୍ଧାର କରିଥିଲା। ଏ ନେଇ ମାମଲା(ନଂ.୨୩/୨୧) ରୁଜୁ କରି ଗିରଫ ଏସ୍ କେ ମୁସ୍ତାଫା, ଏସ୍ କେ ବାବୁ, ଏସ୍ କେ କମଲ ଓ ଏସ୍ କେ ମୁନାଙ୍କୁ କୋର୍ଟ ଚାଲାଣ କରାଯାଇଛି।

### ଟ୍ରାକ୍ଟର ଧକ୍କାରେ ଜଣେ ମୃତ

**ବାସୁଦେବପୁର,୧୧।୧(ଡି.ଏନ.ଏ.):** ଭଦ୍ରକ ଜିଲା ବାସୁଦେବପୁର-ଇଚ୍ଛାପୁର ରାସ୍ତାର କମାରଗାଁ ଛକ ନିକଟରେ ରବିବାର ମଧରାତ୍ରରେ ଏକ ଟ୍ରାକ୍ଟର ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ନାୟକାଣିଡିହୀ ଥାନା ଅଧୀନ ରାଜଘରପୋଖରୀ ପଞ୍ଚାୟତ ରାଇପୁର ଗ୍ରାମର ସୁଦାମ ଶଙ୍ଖୁଆ(୨୫)। ଦୁର୍ଘଟଣା ଘଟାଇଥିବା ଟ୍ରାକ୍ଟର ଫେରାର ଅଛି। ବାସୁଦେବପୁର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଇଛି। ଏ ନେଇ ଏକ ମାମଲା(ନଂ.୨୫/୨୧) ରୁଜୁ କରାଯାଇଥିବା ଥାନାଧିକାରୀ ଆଦିତ୍ୟ ନାରାୟଣ ଜେନା କହିଛନ୍ତି।

# ବିଏଡ୍ ଛାତ୍ରୀଛାତ୍ର ଧାରଣାରେ ବସିଲେ

**ବାଲେଶ୍ୱର ଅଫିସ, ୧୧।୧**

ବାଲେଶ୍ୱର ଜିଲା ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଇଣ୍ଟିଗ୍ରେଟେଡ୍ ବିଏଡ୍ ଛାତ୍ରୀଛାତ୍ର କୋର୍ସ ଫି' କମାଇବା ଦାବିରେ ସୋମବାରଠାରୁ ଦିବାରାତ୍ର ଧାରଣାରେ ବସିଛନ୍ତି। ବାରମ୍ବାର ଦାବି ଓ ଲିଖିତ ଅଭିଯୋଗ କରାଯିବା ସତ୍ତ୍ୱେ ଦାବି ପୂରଣ ନ ହେବାରୁ ଛାତ୍ରୀଛାତ୍ରମାନେ ଛାତ୍ରନେତା ହରେକୃଷ୍ଣ ପ୍ରଧାନଙ୍କ ନେତୃତ୍ୱରେ କଲେଜ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ଆଗରେ ବସି ରହିଛନ୍ତି। ଦାବି ଅନୁସାରେ ୫୦% କୋର୍ସ ଫି' କମାଇବା ପାଇଁ କଲେଜ ବିଜ୍ଞପ୍ତି ପ୍ରକାଶ ନ କଲା ଯାଏ ଛାତ୍ରଛାତ୍ରୀମାନେ ଅନଶନରେ ବସିବେ ବୋଲି ନିଷ୍ପତ୍ତି ନେଇଥିଲେ।

ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ବର୍ଷରେ ୩୫୦ ଛାତ୍ରଛାତ୍ରୀ ପାଠ ପଢୁଥିବା ବେଳେ ସେମାନେ ବାର୍ଷିକ ୪୦ହଜାର ଲେଖାଏଁ କୋର୍ସ ଫି' ଦେଉଥିଲେ। ଚଳିତବର୍ଷ କୋଭିଡ୍ ପାଇଁ ବର୍ତ୍ତମାନ ପର୍ଯ୍ୟନ୍ତ କ୍ଲାସ୍ ହୋଇପାରି ନ ଥିବା ବେଳେ କୋର୍ସ ଫି' ଅଧା କରିବାକୁ ଛାତ୍ରଛାତ୍ରୀ ଦାବି କରିଛନ୍ତି। ନିକଟରେ ମୟୂରଭଞ୍ଜ ଜିଲା ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟ ଚଳିତବର୍ଷ ୨୧ହଜାର କୋର୍ସ ଫି' ନେବାକୁ ବିଜ୍ଞପ୍ତି ପ୍ରକାଶ କରିଥିବା ବେଳେ ଫକୀରମୋହନ କଲେଜ ଅଧିକ ନେବାର ଯଥାର୍ଥତା ନ ଥିବା ସେମାନେ ଦାବି କରିଛନ୍ତି। ଆନ୍ଦୋଳନରେ ପ୍ରିୟବ୍ରତ ପାତ୍ର, ଗଣେଶ ଚନ୍ଦ୍ର ବେହେରା, ସରିତା ପ୍ରିୟଦର୍ଶିନୀ ମାଝୀ, ଅବିନାଶ ବେହେରା, ବିଶ୍ୱଜିତ୍ ପାତ୍ର, ଇନ୍ଦର ଗୁପ୍ତା, ଅଳକା ପାଠୀ, ସୁଶ୍ରୀ ପ୍ରିୟମ୍ବଦା ବିଶ୍ୱାଳ, ଲିପିକା ପାତ୍ର ପ୍ରମୁଖ ୧୫୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।


କୋର୍ସ ଫି' କମାଇବା ଦାବିରେ ଛାତ୍ରୀଛାତ୍ରଙ୍କ ଧାରଣା।

**କୋର୍ସ ଫି' କମାଇବା ଦାବି**

ସନ୍ଧ୍ୟାରେ ଛାତ୍ରୀଛାତ୍ର ଏବଂ କଲେଜ ପ୍ରଶାସନ ମଧ୍ୟରେ ଆଲୋଚନା ହୋଇଥିଲା। ଅଧ୍ୟକ୍ଷ ଶ୍ରୀମୟ ଦାସ ଅଧିକାରୀ କୋଭିଡ୍ ପାଇଁ କେବଳ ଚତୁର୍ଥ ବର୍ଷ ଛାତ୍ରୀଛାତ୍ରଙ୍କ କୋର୍ସ ଫି' ଅଧା ଅର୍ଥାତ୍ ୨୦ହଜାର ଟଙ୍କା କମ୍ କରାଯିବ ବୋଲି ଘୋଷଣା କରିଥିଲେ। ସେହିପରି ଦ୍ୱିତୀୟ, ତୃତୀୟ ବର୍ଷର ଛାତ୍ରୀଛାତ୍ରଙ୍କ ପାଇଁ ଉଚ୍ଚଶିକ୍ଷା ବିଭାଗର ସମ୍ପାଦକଙ୍କ ସହ ସମାନ ଢଙ୍ଗରେ କୋର୍ସ ଫି' କମାଯିବାର ଆଲୋଚନା କରି ଆସନ୍ତା ମଙ୍ଗଳବାର ମଧ୍ୟାହ୍ନ ୨ଟା ସୁଦ୍ଧା ଜଣାଇବାର ପ୍ରତିଶ୍ରୁତି ଦେବା ପରେ ଛାତ୍ରୀଛାତ୍ରମାନେ ଆନ୍ଦୋଳନରୁ ଓହରିଥିଲେ।

# ୭ ବର୍ଷ ହେଲା ନିଯୁକ୍ତି ଅପେକ୍ଷାରେ

**ବନ୍ତ,୧୧।୧(ଡି.ଏନ.ଏ.)**

ଭଦ୍ରକ ଜିଲା ବନ୍ତ ବ୍ଲକ ଅଧୀନ ବସନ୍ତିଆ ପଞ୍ଚାୟତ ବରକୋଣା ଗ୍ରାମର ଆଦିତ୍ୟ ନାରାୟଣ ଶଙ୍ଖୁଆ ଗ୍ରାମ ରୋଜଗାର ସେବକ ପଦବୀ ପାଇଁ ଆବେଦନ କରିଥିଲେ। ଏଥିଲାଗି ମନୋନୀତ ହୋଇ ମଧ୍ୟ ୭ ବର୍ଷ ହେଲା ତାଙ୍କୁ ନିଯୁକ୍ତି ମିଳିପାରୁ ନ ଥିବା ସେ ଅଭିଯୋଗ କରିଛନ୍ତି।

ଆଦିତ୍ୟଙ୍କ କହିବା ଅନୁଯାୟୀ, ସେ ୨୦୧୩ରେ ଏହି ପଦବୀ ପାଇଁ ଆବେଦନ କରିଥିଲେ। ସରକାରୀ ଚୂଡ଼ାନ୍ତ ତାଲିକାରେ ସେ ୧ ନମ୍ବରରେ ରହିଥିଲେ। ସେତେବେଳେ ତାଙ୍କୁ ଉପରୁ ନିର୍ଦ୍ଦେଶ ନାହିଁ ବୋଲି କୁହାଯାଇ ନିଯୁକ୍ତି ପ୍ରଦାନ କରାଯାଇ ନ ଥିଲା। ଫଳରେ ସେ ଭଦ୍ରକ ଜିଲା ଜଜ୍ କୋର୍ଟଙ୍କ ଆଶ୍ରୟ ନେଇଥିଲେ। ତାଙ୍କୁ ୬ ମାସ ମଧ୍ୟରେ ନିଯୁକ୍ତି ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଏଯାଏ ନିଯୁକ୍ତି ମିଳିନି। ସେ ୨୦୧୯ରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବା ପରେ ତାଙ୍କୁ ୩ମାସ ମଧ୍ୟରେ ନିଯୁକ୍ତି ଦେବାକୁ ନିର୍ଦ୍ଦେଶ ହୋଇଥିଲା।


ଆଦିତ୍ୟ ଶଙ୍ଖୁଆ।

ଏଥିସହିତ ସେ ରାଜ୍ୟ ଜନଅଭିଯୋଗ ବିଭାଗରେ ଅଭିଯୋଗ କରିବା ପରେ ଚିଠି ନଂ-୨୮୦୬/ଜିଏ ଆଣ୍ଡ ପିଜି/ତା ୨୬।୧୧।୨୦୨୦ ରିଖରେ ପଦକ୍ଷେପ ଲାଗି ଭଦ୍ରକ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ହୋଇଥିବା ସତ୍ତ୍ୱେ ତାଙ୍କୁ ଅଦ୍ୟାବଧି ନିଯୁକ୍ତି ଦିଆଯାଇ ନାହିଁ। ପ୍ରଶାସନ ଏ ଦିଗରେ ପଦକ୍ଷେପ ନେଇ ତାଙ୍କୁ ନିଯୁକ୍ତି ପ୍ରଦାନ କରିବାକୁ ସେ ନିବେଦନ କରିଛନ୍ତି।

# ସରିଲା ଗଣନା, କମିଛି ପକ୍ଷୀ ସଂଖ୍ୟା



**ଚାନ୍ଦବାଲି, ୧୧।୧(ଡି.ଏନ.ଏ.)**

ଭଦ୍ରକ ଜିଲା ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ପକ୍ଷୀ ଗଣନା ଶେଷ ହୋଇଛି। ଜିଲାର ବିଭିନ୍ନ ଅଞ୍ଚଳରେ ମୋଟ ୧୩, ୮୯୨ ପକ୍ଷୀ ଥିବା ସହକାରୀ ବନ୍ୟ ସଂରକ୍ଷକ ସାଧନା ବେହେରା ସୂଚନା ଦେଇଛନ୍ତି। ଗତବର୍ଷ ତୁଳନାରେ ୧୪୦ ଚଢ଼େଇ କମିଥିବା ଜଣାଯାଇଛି। ଚାନ୍ଦବାଲି ରେଞ୍ଜରେ ୧,୪୯୦, ଧାମନଗରରେ ୭,୪୨୨, ଭଦ୍ରକରେ ୧୦୦୨, ବାସୁଦେବପୁରରେ ୪,୯୭୮ ପକ୍ଷୀକୁ ବିଭିନ୍ନ ଜଳାଶୟ ବଣରେ ଥିବାର ଗଣନା କରାଯାଇଛି। ଚଳିତବର୍ଷ ୩୭ଟି ପ୍ରଜାତିର ଚଢ଼େଇ ଗଣନା କରାଯାଇଛି। ବିଭାଗୀୟ କର୍ମଚାରୀମାନେ ଚଳିତ ମାସ ୩ ତାରିଖରେ ଏହି ଗଣନାରେ ସାମିଲ ହୋଇଥିଲେ।

# ଅଖଣ୍ଡ ଶିକାର ପାଇଁ ସଜବାଜ

**କପ୍ତିପଦା,୧୧।୧(ଡି.ଏନ.ଏ)**

ମୟୂରଭଞ୍ଜ ଜିଲାର ଗଣପର୍ବ ମକର ଉପଲକ୍ଷେ ସ୍ଥାନୀୟ ଲୋକେ ଶିମିଳିପାଳ ମଧ୍ୟରେ ଅଖଣ୍ଡ ଶିକାର କରିବା ଉଦ୍ଦେଶ୍ୟରେ ଶହଶହ ସଂଖ୍ୟାରେ ପ୍ରବେଶ କରିଥାନ୍ତି। ବନବିଭାଗ ପକ୍ଷରୁ ସେମାନଙ୍କୁ ରୋକିବା ଲାଗି ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ଚଳିତ ବର୍ଷ ଏହି ଶିକାର ପାଇଁ ଶିମିଳିପାଳ ପାଦଦେଶରେ ଥିବା ବିଭିନ୍ନ ଗ୍ରାମରେ ସଜବାଜ ଚାଲିଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି। ଏ ସମ୍ପର୍କରେ କପ୍ତିପଦା ରେଞ୍ଜର ମହେଶ୍ୱର ସିଂଙ୍କୁ ପଚାରିବାରୁ ଅଖଣ୍ଡ ଶିକାରକୁ ଦୃଷ୍ଟିରେ ରଖି ପାଟ୍ରୋଲିଂ ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି।

# ଧାନକିଣାକୁ କେନ୍ଦ୍ରକରି ଉତ୍ତେଜନା

**ରାଇବଣିଆ, ୧୧।୧**

ବାଲେଶ୍ୱର ଜିଲା ଆଦିବାସୀ ଅଧ୍ୟୁସିତ ରାଇବଣିଆ ଅଞ୍ଚଳର ଚାଫଲାଠାରେ ସୋମବାର ସରକାରୀ ଧାନମଣ୍ଡିରେ ଧାନକିଣାକୁ କେନ୍ଦ୍ର କରି ମିଲର ଓ ଚାଷୀଙ୍କ ମଧ୍ୟରେ ଅଚଳାବସ୍ଥା ସୃଷ୍ଟି ହୋଇଛି। ଏହି ସେବା ସମବାୟ ସମିତିରୁ ମା' ତାରିଣୀ ଏଜେଣ୍ଟ ଧାନ ନେବାକୁ ମନା କରିବାରୁ ଗଣ୍ଡଗୋଳ ହୋଇଥିଲା। ନିଖିଲ ରଞ୍ଜନ ସେନାପତିଙ୍କ ଧାନରେ ଏଫ୍‌ଏକ୍ୟୁ ମାନ ନ ଥିବାରୁ କଟ୍‌ନୀଛଟ୍‌ନୀରେ କୁଇଣ୍ଟାଲ ପିଛା ୮କି.ଗ୍ରା. ଧାନ କଟାଯିବାକୁ ମିଲର ସ୍ଥିର କରିବାରୁ କଂଗ୍ରେସ ରାଜ୍ୟପ୍ରବକ୍ତା ସୁଦର୍ଶନ ଦାସ ଏଥିରେ ହସ୍ତକ୍ଷେପ କରି ଉପଜିଲାପାଳଙ୍କୁ ଏ ସମ୍ପର୍କରେ ଜଣାଇଥିଲେ। ଉପଜିଲାପାଳଙ୍କ ନିର୍ଦ୍ଦେଶରେ ଆର୍‌ଏମ୍‌ସି ସମ୍ପାଦକ ବଳରାମ ଜେନା ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କଲା ପରେ ଉତ୍ତେଜନା ପ୍ରଶମିତ ହୋଇଥିଲା।

# କ୍ୱାର୍ଟର ଫାଇନାଲରେ ସରିପଲ, ସେଣ୍ଟିରା

**ବନ୍ତ,୧୧।୧(ସ୍ୱ.ପ୍ର.)**

ଭଦ୍ରକ ଜିଲା ବନ୍ତ ବ୍ଲକ ଆଡ଼ିଆଠାରେ ଆରଡ଼େଶ୍ୱର କ୍ରିକେଟ କ୍ଲବ ଆନୁକୂଲ୍ୟରେ ସ୍ୱର୍ଗତ ମୃତ୍ୟୁଞ୍ଜୟ ଜେନାଙ୍କ ସ୍ମୃତିରେ ୧୬ ଟିମ୍‌କୁ ନେଇ ଚାଲିଥିବା କରୁଣାକର ସ୍ମାରକୀ କ୍ରିକେଟ୍ ଟୁର୍ନାମେଣ୍ଟର ୨ୟ ଦିନରେ ୨ଟି ଲିଗ୍ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ମ୍ୟାଚ୍ ସରିପଲ ଓ ଲୁଣିଆ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସରିପଲ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୯୯ ରନ୍ କରି ଅଲଆଉଟ ହୋଇଯାଇଥିଲା। ଲୁଣିଆ ୧୨ ଓଭରରେ ୩ ଉଇକେଟ୍ ହରାଇ ମାତ୍ର ୪୨ ରନ୍ କରି ହାରିଥିଲା। ସରିପଲ ମ୍ୟାଚ୍ ଜିତି ୩ୟ ଟିମ୍ ଭାବେ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ୨ୟ ମ୍ୟାଚ୍ କୋଭିଡ୍-୧୯ କଳାପାହାଡ଼ ଓ ସେଣ୍ଟିରା ମଧ୍ୟରେ ଖେଳା ଯାଇଥିଲା। କଳାପାହାଡ଼ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୭ ଉଇକେଟ୍ ହରାଇ ୮୪ ରନ୍ କରିଥିଲା। ଜବାବରେ ସେଣ୍ଟିରା ୧୧.୪ ଓଭରରେ ୮ ଉଇକେଟ୍ ହରାଇ ବିଜୟୀ ହୋଇଥିଲା। ୪ର୍ଥ ଟିମ୍ ଭାବେ ସେଣ୍ଟିରା କ୍ୱାର୍ଟର ଫାଇନାଲକୁ ପ୍ରବେଶ କରିଛି। ଅମ୍ପାୟର ଭାବେ ଅଜିତ ଦାସ ଓ ଆଲୋକ ସେଠୀ, ସ୍କୋରର ଭାବେ ଶୁଭେନ୍ଦୁ ରାଉତ, ଦୀପୁ ଦାସ ଦାୟିତ୍ୱ ତୁଲାଇଥିବା ବେଳେ ରମ୍ୟରଞ୍ଜନ ଖୁଣ୍ଟିଆ ଧାରା ବିବରଣୀ ପ୍ରଦାନ କରିଥିଲେ। ହରିହର ଜେନା, ରାଜୀବ ଲୋଚନ ମଲ୍ଲିକ, ମାଧବ ଜେନା, ମନୋଜ ସେଠୀ ଓ ଝୁଲୁ ଜେନା ଟୁର୍ନାମେଣ୍ଟ ଆୟୋଜନରେ ସହଯୋଗ କରିଥିଲେ।

# କୋର୍ଟକୁ ନେବାବେଳେ ଅଭିଯୁକ୍ତଙ୍କ ଚମ୍ପଟ ଉଦ୍ୟମ

**ଭଦ୍ରକ ଅଫିସ, ୧୧।୧**

ଭଦ୍ରକ ପୁରୁଣାବଜାର ଥାନା ପୋଲିସ ଜଣେ ଫେରାର ଅଭିଯୁକ୍ତଙ୍କୁ ସୋମବାର ୱାରେଣ୍ଟ ବଳରେ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ବୁଧବାରହାଟ ଗୌସିୟା ନଗରର ଦନା ଖାନ୍। ପୋଲିସ ତାଙ୍କୁ ଗିରଫ କରି କୋର୍ଟକୁ ନେଉଥିବା ବେଳେ ମଧ୍ୟାହ୍ନରେ ସେ ଚମ୍ପଟ ଉଦ୍ୟମ କରିଥିଲେ। ପିଛା କରି ଅଧଘଣ୍ଟା ପରେ ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟ ସମ୍ମୁଖରୁ ପୋଲିସ ତାଙ୍କୁ କାବୁ କରିଥିଲା। ପୋଲିସ ଦନାଙ୍କୁ କୋର୍ଟରେ ହାଜର କରିବା ପରେ ଜେଲକୁ ପଠାଇଥିବା ସୂଚନା ଦିଆଯାଇଛି।

# ସଫେଇରେ ଛାତ୍ରୀଛାତ୍ର, କର୍ମଚାରୀ, ଅଧ୍ୟାପିକା ଅଧ୍ୟାପକ ସାମିଲ


ବିଶ୍ୱବିଦ୍ୟାଳୟ ପକ୍ଷରୁ ସଫେଇ କରାଯାଉଛି।

**ବାଲେଶ୍ୱର ଅଫିସ, ୧୧।୧**

କୋଭିଡ୍ କଟକଣା ପରେ ବିଶ୍ୱବିଦ୍ୟାଳୟର ନିୟମିତ ଶିକ୍ଷାଦାନର ପ୍ରାରମ୍ଭ ଦିବସ ତଥା ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ସଭ୍ୟ ଡ. ରବୀନ୍ଦ୍ର ମୋହନ ଦାସଙ୍କ ପୁଣ୍ୟ ତିରୋଧାନ ଦିବସ ଅବସରରେ ସୋମବାର ବାଲେଶ୍ୱର ଜିଲା ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଦୀନବନ୍ଧୁ ସାହୁଙ୍କ ଦ୍ୱାରା ସ୍ୱଚ୍ଛତା ଅଭିଯାନ ଅନୁଷ୍ଠିତ ହୋଇଛି। ବିଶ୍ୱବିଦ୍ୟାଳୟର ଦୂର ଓ ନିରନ୍ତର ଶିକ୍ଷା ନିର୍ଦ୍ଦେଶାଳୟ ସହାୟତାରେ ପୁରାତନ କ୍ୟାମ୍ପସରେ ସଫେଇ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗ ଛାତ୍ରୀଛାତ୍ର ତଥା ସମସ୍ତ ଶିକ୍ଷକ ଏବଂ କର୍ମଚାରୀମାନେ ଯୋଗଦେଇ କ୍ୟାମ୍ପସ ପରିସରସ୍ଥ ଯାବତୀୟ ଆବର୍ଜନାକୁ ସଫେଇ କରିଥିଲେ। ବିଭାଗୀୟ ନିର୍ଦ୍ଦେଶକ ପ୍ରଫେସର ମୁନେଶ ଚନ୍ଦ୍ର ଅଧିକାରୀ ଏହି କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ପରିଚାଳନା କରିବା ସହ ପରିବେଶ ସ୍ୱଚ୍ଛ ରହିଲେ କାର୍ଯ୍ୟ କରିବାର ସ୍ପୃହା ବୃଦ୍ଧି ପାଇବ ଏବଂ ଏଭଳି କାର୍ଯ୍ୟକ୍ରମ ଆଗକୁ ମଧ୍ୟ ଜାରି ରହିବ ବୋଲି ମତବ୍ୟକ୍ତ କରିଥିଲେ।

# ବାସୁଦେବପୁରରେ ଡ୍ରାଏ ରନ୍

**ବାସୁଦେବପୁର, ୧୧।୧(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ମୁଖ୍ୟ ଚିକିତ୍ସାଳୟ ପରିସରରେ ସୋମବାର କୋଭିଡ୍ ଟିକାକରଣ ପାଇଁ ଡ୍ରାଏ ରନ୍ ଆରମ୍ଭ ହୋଇଛି। କିପରି ଭାବେ ଟିକା ପ୍ରଦାନ କରାଯିବ ଓ ଏହାର ପ୍ରସ୍ତୁତି, ପରବର୍ତ୍ତୀ କାର୍ଯ୍ୟକ୍ରମ କ'ଣ ରହିବ ତାହାର ସମ୍ପୂର୍ଣ୍ଣ ବିବରଣୀ ସ୍ଥିର କରି ଏହାକୁ କାର୍ଯ୍ୟକାରୀ କରାଯାଇଥିଲା। ଭଦ୍ରକ ସିଡିଏମ୍‌ଓ ସନ୍ତୋଷ ପାତ୍ର ଏ ସମସ୍ତ କାର୍ଯ୍ୟକ୍ରମର ତଦାରଖ କରିଥିଲେ। ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀ ୯ ଜଣଙ୍କୁ ଏଥିରେ ସାମିଲ କରାଯାଇଥିବା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଶାନ୍ତ କୁମାର ସାମନ୍ତ ସୂଚନା ଦେଇଛନ୍ତି।

# ବିଜେଡି କାର୍ଯ୍ୟାଳୟରେ ବନ୍ଧୁମିଳନ

**କେନ୍ଦୁଝର, ୧୧।୧(ଡି.ଏନ୍.ଏ./ସ୍ୱ.ପ୍ର.)**

କେନ୍ଦୁଝର ଜିଲା ବିଜେଡି କାର୍ଯ୍ୟାଳୟରେ ରବିବାର ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲା ବିଜେଡି ସଭାପତି ମାଧବ ସର୍ଦ୍ଦାରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବନ୍ଧୁମିଳନ କାର୍ଯ୍ୟକ୍ରମରେ କେନ୍ଦୁଝର ଏମ୍‌ପି ଚନ୍ଦ୍ରାଣୀ ମୁର୍ମୁ, ପାଟଣା ବିଧାୟକ ଜଗନ୍ନାଥ ନାୟକ, ରାଜ୍ୟ ଯୁବ ବିଜେଡି ସାଧାରଣ ସମ୍ପାଦକ ଅଞ୍ଜନ କୁମାର ବେଜ, ଛାତ୍ର ବିଜେଡି ସଭାପତି ଅବିନାଶ ପଟ୍ଟନାୟକ, ସଦର ବ୍ଲକ ସଭାପତି ଚକ୍ରଧର ପରିଡା, ୪ ନଂ ଜୋନ ଜିଲା ପରିଷଦ ସଦସ୍ୟ ରଥ ମୁଣ୍ଡା, ଯୁବ ବିଜେଡି ସାଧାରଣ ସମ୍ପାଦକ ଜଗଦିଶ ଆପଟ, ସୌମ୍ୟରଞ୍ଜନ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ଦୁର୍ଘଟଣାରେ ଯୁବକ ମୃତ

**ପାଟଣା,୧୧।୧(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ପାଟଣା ଥାନା କମାରମରା ଗାଁ ଡ଼ିପାସାହି ରାସ୍ତାରେ ଏକ ବାଇକ୍ ଦୁର୍ଘଟଣାରେ ଜଣେ ଯୁବକଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ମୃତକ ହେଲେ ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ଥାନା ସିମିଡ଼ିହା ଗ୍ରାମର ଦାଶରଥୀ ବେହେରା।

# କଂଗ୍ରେସର ସାଙ୍ଗଠନିକ ବୈଠକ

**ବାଲିଆପାଳ, ୧୧।୧(ସ୍ୱ.ପ୍ର.)**

ବାଲିଆପାଳ ବ୍ଲକର ଡଗରା ବେଳାଭୂମି ନିକଟସ୍ଥ ଡାକବଙ୍ଗଳା ପରିସରରେ ଆଗାମୀ ପଞ୍ଚାୟତ ନିର୍ବାଚନକୁ ଆଖି ଆଗରେ ରଖି ୨୮ ପଞ୍ଚାୟତର ସକ୍ରିୟ କର୍ମୀଙ୍କୁ ନେଇ କଂଗ୍ରେସ ପକ୍ଷରୁ ସୋମବାର ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବାଲିଆପାଳ ପଞ୍ଚାୟତ ସମିତି ଅଧ୍ୟକ୍ଷ ବିଜନ ନାୟକ ଅଧ୍ୟକ୍ଷତା କରିଥିଲେ। ଜୟପୁର ବିଧାୟକ ତଥା କଂଗ୍ରେସ ଦଳର ମୁଖ୍ୟ ସଚେତକ ତାରାପ୍ରସାଦ ବାହିନୀପତି ମୁଖ୍ୟଅତିଥି ଭାବରେ ଯୋଗଦେଇ ଉପକୂଳବର୍ତ୍ତୀ ଅଞ୍ଚଳରେ ପ୍ରସ୍ତାବିତ ବନ୍ଦର ଏବଂ ପେଟ୍ରୋ କେମିକାଲ ପ୍ଲାଣ୍ଟକୁ ବିରୋଧ କରିବା ସହିତ ସରକାରଙ୍କଠାରେ ଏକର ଏକର ସରକାରୀ ଜମି ରହିଥିବା ବେଳେ ନିରୀହ ଗରିବଙ୍କ ଜନବସତି ଉଚ୍ଛେଦ କରାଯିବାର ଲକ୍ଷ୍ୟ କ'ଣ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବରେ ଦେବ କୁମାର ଦେ, ଜଗନ୍ନାଥ ବିଶ୍ୱାଳ, ପଞ୍ଚାୟତ ସମିତି ଉପାଧ୍ୟକ୍ଷାଙ୍କ ପ୍ରତିନିଧି କାର୍ତ୍ତିକ ନାୟକ ବୈଠକରେ ଯୋଗଦେଇ ତୃଣମୂଳସ୍ତରରେ କର୍ମୀମାନେ କାର୍ଯ୍ୟ କଲେ ଦଳକୁ ନିଶ୍ଚିତ ସଫଳ ମିଳିବ ବୋଲି କହିଥିଲେ।


ବୈଠକରେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଓ ଅନ୍ୟ କର୍ମକର୍ତ୍ତା।

# କୃଷକ ବିରୋଧୀ ଆଇନ ପ୍ରତ୍ୟାହାର ଦାବିରେ ବିକ୍ଷୋଭ

**ଜଳେଶ୍ୱର, ୧୧।୧(ଡି.ଏନ.ଏ.)**

ତିନୋଟି କୃଷକ ବିରୋଧୀ ଆଇନ ଓ ବିଦ୍ୟୁତ୍ ବିଲ ୨୦୨୦ ପ୍ରତ୍ୟାହାର ଦାବିରେ ସୋମବାର ବାଲେଶ୍ୱର ଜିଲା ଜଳେଶ୍ୱର ଷ୍ଟେଶନଠାରୁ ଶହ ଶହ ବିକ୍ଷୋଭକାରୀ ଟ୍ରାକ୍ଟର, ଲଙ୍ଗଳ, ବଳଦ, ପତାକା, ପ୍ଲାକାର୍ଡ଼ ସହ ତହସିଲ ଅଫିସ୍ ସମ୍ମୁଖରେ ବିକ୍ଷୋଭ ସମାବେଶ କରିଥିଲେ। ଏହାପରେ ଏକ ଦାବିପତ୍ର ରାଷ୍ଟ୍ରପତି ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ପ୍ରଦାନ କରାଯାଇଥିଲା।

ଦିଲ୍ଲୀ ସୀମାରେ ୪୭ଦିନ ଧରି କୃଷକମାନେ ଆନ୍ଦୋଳନରେ ବସିଥିବା ବେଳେ ୬୦ଜଣଙ୍କର ମୃତ୍ୟୁ ହୋଇଥିଲା। ଏହାକୁ ସମର୍ଥନ ଜଣାଇବା ସହିତ ଚାଷୀଙ୍କ ଋଣ ଛାଡ଼ କରିବା, ଧାନ କୁଇଣ୍ଟାଲ ପ୍ରତି ଏକ ହଜାର ବୋନସ୍ ଦେବା, ଧାନ କୁଇଣ୍ଟାଲ ୩ହଜାର ହେବା ଓ ସରକାରୀ ଦରରେ ଧାନକ୍ରୟ ହେବା, ବିଦ୍ୟୁତ୍ ଗ୍ରାହକଙ୍କୁ ସଠିକ୍ ସେବା ଦେବା, ସମସ୍ତ ନିର୍ମାଣ ଶ୍ରମିକଙ୍କୁ ପରିଚୟପତ୍ର ଓ ପ୍ରାପ୍ୟ ଦେବା ଆଦି ଦାବିରେ ଏହି ବିକ୍ଷୋଭ କରାଯାଇଥିଲା। ସମନ୍ୱୟ ସମିତି ସଭାପତି ଦିଲୀପ କୁମାର ଗିରିଙ୍କ ସଭାପତିତ୍ୱରେ ସମ୍ପାଦକ ଦିପ୍ତିମାନ ଆଚାର୍ଯ୍ୟ, କ୍ଷେତମୂଲିଆ ନେତା ଶିଶିର ହୁଇ, କୃଷକ ସଭା ଜିଲା ସମ୍ପାଦକ ଶିତାଂଶୁ ସେନାପତି, ଜିତାଂଶୁ ନନ୍ଦୀ, ପଲଟୁ ଦାସ, ସରପଞ୍ଚ ଦିଲୀପ ପରିଡା, ରତନ ଦାସ, ରବୀନ୍ଦ୍ର ବାରିକ, ଜୀବନ ପରିଡା, ଗଣତାନ୍ତ୍ରିକ ମହିଳା ସମିତିର ତାପସୀ ପ୍ରହରାଜ, ମମି ପଣ୍ଡା, ଜୟନ୍ତୀ ଘୋଷ, ମିଟୁ କୁଣ୍ଡ, ଅଜୟ ପ୍ରଧାନଙ୍କ ସହିତ ଶହ ଶହ ଲୋକ ବିକ୍ଷୋଭରେ ସାମିଲ ହୋଇଥିଲେ।



ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

